# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ନିହିମିୟାଙ୍କ ମହା ପ୍ରାଚିର

ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଉପଯୋଜକ: Mary-Anne S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପାରଷ୍ୟ, ଏକ ସାରା ଶକ୍ତିଶାଳି ଦେଶ ଥିଲା, ଯାହା ସେରା ପୃଥିବୀ ଉପରେ ରାଜୁତି କଲା । ଏବଂ ରାଜା ଅର୍ତ୍ତକ୍ଷସ୍ତ ପାରଷ୍ୟ ଉପରେ ରାଜ୍ୟ କରୁଥିଲେ । ଏହା ତାଙ୍କୁ ମହା ଶକ୍ତିଶାଳି ରାଜା କଲା । ନିହିମିୟା ଜଣେ ଯେ ଯିହୁଦୀ ଥିଲେ ଓ ରାଜାଙ୍କର ଅନେକ ଉତ୍ତମ କର୍ମାଚାରି ମାନଙ୍କ ମଧ୍ୟରେ ଜଣେ ଥିଲେ । ସେ ରାଜାଙ୍କ ପାନପାତ୍ର ବାହକ ଥିଲେ । ତାହାର କାର୍ଯ୍ୟ ଥିଲା ଖାଦ୍ୟ ମଧ୍ୟରୁ ରାଜାଙ୍କୁ ସୁରକ୍ଷା କରିବା, କେହି ଯେପରି ରାଜାଙ୍କୁ ବିଶାକ୍ତଖାଦ୍ୟ ନ ଦିଅନ୍ତି ।



ଦିନକରେ, ନିହିମିୟା ଦୁଃଖିତ ମୁଖ ନେଇ ରାଜାଙ୍କ ଛାମୁକୁ ଆସିଲେ, ତହୁଁ ରାଜା ତାହାର କୁଶଳ ବିଷୟ ଜାଣିବାକୁ ଚ଼ହିଁଲେ । ହେ ମହାରାଜ, ଆପଣ ଚୀରଜୀବୀ ହେଉନ୍ତୁ, ନିହିମିୟା କହିଲେ । ଯେଉଁ ନଗର ମୋହର ପୂର୍ବପୁରୁଷଗଣର କବର ସ୍ଥାନ, ତାହା ଯେତେବେଳେ ଉଜାଡ଼ ହୋଇ ପଡ଼ିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି ।

ନିହିମିୟା ଯିରୁଶାଲମ ବିଷୟରେ କହୁଥିଲେ, ଯାହା ଅନେକ ବର୍ଷ ପୂର୍ବରୁ ଯୁଦ୍ଧ କାରଣରୁ ଧ୍ୱଂସ ହୋଇଥିଲା ।



ରାଜା ଅର୍ତ୍ତକ୍ଷସ୍ତ ପଚାରିଲେ, ତୁମ୍ଭେ କି ବିଷୟରେ ନିବେଦନ କରୁଅଛ, ମୋତେ ଯିରୁଶାଲମକୁ ଯିବାକୁ ଅନୁମତି ପ୍ରଦାନ କରନ୍ତୁ ଯେପରି ମୁଁ ସେହି ପ୍ରାଚିରକୁ ପୁନଃନିର୍ମାଣ କରିବି ନିହିମିୟା କହିଲେ । ରାଜା ଅର୍ତ୍ତକ୍ଷସ୍ତ ତାହାକୁ ଅନୁମତି ପ୍ରଦାନ କଲେ । ସେ ନିହିମିୟାଙ୍କୁ ପ୍ରତିରକ୍ଷା ନିମନ୍ତେ ଲିଖିତ ପତ୍ର ଦେଲେ କାରଣ ସେ ଯାତ୍ରା କରୁଥିଲେ ।



ରାଜା ତାହାଙ୍କୁ ତାହଠାରୁ ମଧ୍ୟ ଅଧିକ ସାହାଯ୍ୟ କଲେ, ସେ ନିହିମିୟାଙ୍କୁ ଆସଫ ନିମନ୍ତେ ଏକ ପତ୍ର ଦେଲେ, ଯେ ମହାରାଜାଙ୍କ ବନରକ୍ଷକ ଥିଲା । ସେହି ପତ୍ରରେ ଆସଫଙ୍କ ନିମନ୍ତେ ଆଜ୍ଞା ଥିଲା ଯେ ନିହିମିୟାଙ୍କୁ ସେହି ନଗର ପ୍ରାଚିର ମରାମତ ନିମନ୍ତେ ଆବଶ୍ୟକ ଅନୁସାରେ କାଷ୍ଠ ପ୍ରଦାନ କରିବେ ।



ଯେତେବେଳେ ନିହିମିୟା ଯିରୁଶାଲମରେ ପହଞ୍ଚିଲେ, ସେ ନଗରର ଅଧିପତି ଗଣଙ୍କୁ ଏକତ୍ର କରି କହିଲେ । ଆମ୍ଭେମାନେ ମନ୍ଦ ଅବସ୍ଥାରେ ଅଛୁ, ଯିରୁଶାଲମ କିପରି ଉଜାଡ଼ ହୋଇ ପଡ଼ିଅଛି ଓ ତହିଁର ଦ୍ୱାରସବୁ ଅଗ୍ନିରେ ଦଗ୍ଧ ହୋଇଅଛି, ଏହା ତୁମ୍ଭେମାନେ ଦେଖୁଅଛ, ଆସ ଆମ୍ଭେମାନେ ଆଉ ଯେପରି ନିନ୍ଦାପାତ୍ର ନୋହିବା, ଏଥିପାଇଁ ଯିରୁଶାଲମର ପ୍ରାଚିର ନିର୍ମାଣ କରୁ । ରାଜା ଅର୍ତ୍ତକ୍ଷସ୍ତ ମଧ୍ୟ ଅନୁମୋଦନ କରିଛନ୍ତି ବୋଲି ସେ ସେମାନଙ୍କୁ କହିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସଦାପ୍ରଭୁ ସେମାନଙ୍କ ସଂଙ୍ଗର ଅଛନ୍ତି ।



ନିହିମିୟାଙ୍କ ବିଶ୍ୱାସ ଓ ପ୍ରବଳ ଆଗ୍ରହ ନିଶ୍ଚିତରେ ଲୋକମାନଙ୍କୁ ଅନୁପ୍ରାଣିତ କରିଥିବ । ସେମାନେ ଏକମତ ହେଲେ ଓ କହିଲେ, ଆସ ଆମ୍ଭେମାନେ ତାହା ନିର୍ମାଣ କରୁ । ନିହିମିୟା ସମସ୍ତ ପରିବାରଙ୍କୁ ସେମାନେ ପ୍ରାଚିରର କେଉଁ ଅଂଶଟିକୁ ଗଢ଼ିବେ ତାହାମଧ୍ୟ ସେ ସ୍ଥିର କରିଦେଲେ ।



ପୁନର୍ବାର ସେହି ପ୍ରାଚିର ଗଢ଼ିବାକୁ ସମସ୍ତେ ଏକମତ ହେଲେନାହି । ସନବଲ୍ଲଟ ନାମରେ ଏକ ଲୋକ ଓ ତାଙ୍କର ଦୁଇ ବନ୍ଧୁ, ଟୋବିୟ ଓ ଗେଶେମ, ସେମାନେ ଯୀହୁଦୀ ନଥିଲେ । ସେମାନ ଚାହୁଁ ନ ଥିଲେ ଯେ ପ୍ରାଚିର କାର୍ଯ୍ୟ ଗଢ଼ାଯାଉ କିମ୍ବା ତାହାର କବାଟ ରଖାଯାଉ ।



ସେହି ପ୍ରାଚିର ଗଢ଼ାକାର୍ଯ୍ୟ ଲାଗିରହିବାରୁ, ତାହା ଶୁଣି ସନବଲ୍ଲଟ ଅତିଶୟ ବିରକ୍ତ ହେଲେ । ସେ ତାଙ୍କ ବନ୍ଧୁମାନଙ୍କ ସହିତ ମିଶି ଯୀହୁଦୀମାନଙ୍କୁ ପରିହାସ କଲେ । ଟୋବିୟ କହିଲେ, ସେମାନେ ଯାହା ଗଢୁଛନ୍ତି, ବିଲୁଆ ଚଢ଼ିଗଲେ ସେ ସେମାନଙ୍କ ପଥର ପ୍ରାଚେ଼ରିକୁ ଭାଙ୍ଗିପକାଇବ । ନିହିମିୟା କିଛି ଉତ୍ତର କଲେ ନାହିଁ । ବଦଳରେ ସେ ପ୍ରାର୍ଥନା କଲେ

ସଦାପ୍ରଭୁ ସେମାନଙ୍କ କଥା ବୁଝନ୍ତୁ ।



ସେମାନଙ୍କ ପରିହାସ ଯିହୁଦୀମାନଙ୍କ ଉପରେ କୌଣସି ପ୍ରଭେଦ ନ ଆଣିବାରୁ, ସେମାନେ ଏକତ୍ର ହୋଇ ଯିରୁଶାଲମ ବିରୁଦ୍ଧରେ ଯୁଦ୍ଧ କରିବାକୁ ଏବଂ ତହିଁ ମଧ୍ୟରେ ଗଣ୍ଡଗଳ ଉତ୍ପନ୍ନ କରିବାକୁ ଏକତ୍ର ଚକ୍ରାନ୍ତ କଲେ । ପୁନର୍ବାର ନିହିମିୟା ସଦାପ୍ରଭୁଙ୍କ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ । ସେ ମଧ୍ୟ ପ୍ରହରି ନିଯୁକ୍ତ କରି ଦିବାରାତ୍ର ସେମାନଙ୍କ ବିରୁଦ୍ଧରେ ଜଗି ରହିଲେ ।



ଯିହୁଦୀମାନେ କଠିନ ପରଶ୍ରମ କଲେ, ସେମାନେ ବ୍ୟତିବ୍ୟସ୍ତ ହେଉଥିଲେ । ସେତେକ ଭୟଭିତ ହେଲେ କାଳେ ସେମାନଙ୍କ କାର୍ଯରତ ସମୟରେ ଶତ୍ରୁମାନେ ଆସି ସେମାନଙ୍କୁ ବଧ କରିବେ । ତଥାପି, ନିହିମିୟା କାର୍ଯ୍ୟ ସ୍ଥଗିତ କଲେନାହିଁ । ସେ କାର୍ଯ୍ୟରତ ଲୋକଙ୍କ ନିମନ୍ତେ ପ୍ରହରି ରଖିଲେ ଏବଂ ସେମାନଙ୍କୁ କହିଲେ ସଦାପ୍ରଭୁ ସେମାନଙ୍କ ସପକ୍ଷରେ ଅଟନ୍ତି ଓ ସେ ଶତ୍ରୁମାନଙ୍କଠାରୁ ଅଧିକ ଶକ୍ତିଶାଳି ଅଟନ୍ତି ।





ନିହିମିୟା ଉଦାହରଣ ସ୍ୱରୂପ ହୋଇ ରହିବାକୁ ଚେଷ୍ଟା କଲେ । ରାଜା ଅର୍ତ୍ତକ୍ଷସ୍ତ ନିହିମିୟାଙ୍କୁ ଯିରୁଶାଲମର ଶାସକ ଭାବରେ ନିଯୁକ୍ତ କଲେ । ସେ ତାହାକୁ ଲୋକମାନଙ୍କଠାରୁ ଖାଦ୍ୟ ଓ ଅର୍ଥ ମଧ୍ୟ ସଂଗ୍ରହ କରିବାକୁ ଅଧିକାର ଦେଲେ । କିନ୍ତୁ ନିହିମିୟା ତାହା କଲେ ନାହିଁ ।

ଯେତେବେଳେ ସେମାନେ ପ୍ରାଚୀରର ନିର୍ମାଣ କଲେ, ସେ ଲୋକମାନଙ୍କ ସହିତ କଠିନ ପରିଶ୍ରମ କଲେ । ସେ ନିଜର ଅର୍ଥ ବିୟୋଗରେ ଖାଦ୍ୟ କ୍ରୟ କଲେ ।



ପରିଶେଷରେ, ଲୋକମାନେ ଉତ୍ତମ ଭାବରେ ପ୍ରାଚୀର ଗଢ଼ିବା କାର୍ଯ୍ୟ ସମାପ୍ତ କଲେ । କେବଳ ପ୍ରାଚୀରର ଜୀର୍ଣ୍ଣସଂସ୍କାର କାର୍ଯ୍ୟ ଅଗ୍ରସର ହେଉଅଛି ଓ ଭଗ୍ନ ସ୍ଥାନସବୁ ବନ୍ଦ ହେବାକୁ ଲାଗୁଅଛି, ଏହା ଶୁଣି ସନବଲ୍ଲଟ୍ ଓ ଟୋବିୟ ଶୁଣିଲେ ଯେ ସେଠାରେ କୌଣସି ଫାଙ୍କ ନାହିଁ ତେଣୁ ସେମାନେ ନିହିମିୟାଙ୍କର ଅନିଷ୍ଟ କରିବାକୁ ଯୋଜନା କଲେ ।



ସେମାନେ ନିହିମିୟାଙ୍କ ନିମନ୍ତେ ଏକ ସମ୍ବାଦ ପ୍ରେରଣ କରି ଓନୋ ନାମକ ସ୍ଥାନରେ ସେମାନଙ୍କ ସହିତ କଥାବାର୍ତ୍ତା କରିବାକୁ କହିଲେ । କିନ୍ତୁ ନିହିମିୟା ସେମାନଙ୍କ ଚ଼କ୍ରାନ୍ତ ବିଷୟ ବୁଝିପାରିଲେ କାରଣ ସେମାନେ ତାଙ୍କର ଅନିଷ୍ଠ କରିବାକୁ ବିଚ଼ାର କରିଥିଲେ । ସେ ସେମାନଙ୍କୁ ଦୂତ ପଠାଇ କହିଲେ ସେ ସେମାନଙ୍କ ସହିତ କଥାବାର୍ତ୍ତା କରିବାକୁ ନିଜର କାର୍ଯ୍ୟତ୍ୟାଗ କରି ପାରିବେ ନାହିଁ ।




ପରିଶେଷରେ, ପ୍ରାଚୀର
ଗଢ଼ା କର୍ଯ୍ୟ ସମାପ୍ତ ହେଲା,
ନିହିମିୟା ତାହାଙ୍କୁ ରକ୍ଷା କରିବାକୁ
ପ୍ରହରି ନିଯୁକ୍ତ କଲେ ।

ସେ ମଧ୍ୟ ଏକ ବିଧି ସ୍ଥାପନ
କଲେ, ସୂର୍ଯ୍ୟ ପ୍ରଚଣ୍ଡ ହେଲେ
ହେଁ ସେହି ଦ୍ୱାର



ଫିଟାଇବା ଆବଶ୍ୟକ । ଏବଂ ରାତ୍ରୀ
ସମୟରେ ତାହା ବନ୍ଦ ରହିବ ଓ
ତହିଁରେ ଅର୍ଗଳ ଦିଆଯିବ ।

ବର୍ତ୍ତମାନ୍ ସେହି ନଗର ନିରାପଦ ଥିଲା, ସେରା ପୃଥିବୀରୁ ଅନେକ ନିର୍ବାସିତ ଯିହୁଦୀମାନେ ଯିରୁଶାଲମକୁ ଫେରିଆସିଲେ । ନିହିମିୟା ନିଶ୍ଚିତରେ ଅତି ଆନନ୍ଦ କରିଥିବେ, ଅନେକ ବାଧା ବିଘ୍ନ ସତ୍ତ୍ୱେ ସେ ସଦାପ୍ରଭୁଙ୍କ ଦତ୍ତ କାର୍ଯ୍ୟ ସଠିକ୍ ଭାବରେ ତୁଲାଇ ପାରିଛନ୍ତି । ସେ ଯିରୁଶାଲମରେ ରହି ଲୋକମାନଙ୍କୁ ସର୍ବଦା ସଦାପ୍ରଭୁଙ୍କ ବାଧ୍ୟ ହେବାକୁ ଶିକ୍ଷା ଦେଲେ ।



ନିହିମିୟାଙ୍କ ମହା ପ୍ରାଚିର

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ନିହିମିୟା

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬